# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**11 May - 2026**

*****************************************

## ମୁଖ୍ୟ ସମ୍ବାଦ

- ସୋମନାଥ ମନ୍ଦିର ଅତୁଟ ବିଶ୍ୱାସ, ଭକ୍ତି ଏବଂ ଦେଶର ଅନ୍ତରାତ୍ମାର ନିଦର୍ଶନ କହିଲେ ପ୍ରଧାନମନ୍ତ୍ରୀ

— ସୋମନାଥ ଅମୃତ ପର୍ବରେ ଯୋଗଦେଇ କୁମ୍ଭାଭିଷେକ ସହ କଲେ ପତାକା ଉତ୍ତୋଳନ

— ଭୁବନେଶ୍ୱରରେ ଆୟୋଜିତ ସୋମନାଥ ସ୍ୱାଭିମାନ ପର୍ବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

- ସମାବେଶୀ ବିକାଶ ପାଇଁ ଦାୟିତ୍ୱପୂର୍ଣ୍ଣ ନବସୃଜନର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ'

ଏବଂ

- ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି

— ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସଂପୂର୍ଣ୍ଣ ପ୍ରସ୍ତୁତ; କହିଲେ ରାଜସ୍ୱ ମନ୍ତ୍ରୀ

## ପିଏମ୍-ସୋମନାଥ

ସୋମନାଥ ମନ୍ଦିର ଅତୁଟ ବିଶ୍ୱାସ, ଭକ୍ତି ଏବଂ ଦେଶର ଅନ୍ତରାତ୍ମାର ନିଦର୍ଶନ ହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଦେଶର ପ୍ରଥମ ଜ୍ୟୋର୍ତିଲିଙ୍ଗ ସୋମନାଥ ମହାଦେବ ମନ୍ଦିରର ଆଜି ପୁନଃନିର୍ମାଣର ୭୫ବର୍ଷ ପାଳନ ଅବସରରେ 'ସୋମନାଥ ଅମୃତ ପର୍ବ ୨୦୨୬'ରେ ଯୋଗଦେଇ ଶ୍ରୀ ମୋଦୀ କହିଛନ୍ତି, ସୋମନାଥ ମନ୍ଦିରର ଭବ୍ୟ ଏବଂ ପବିତ୍ର ପରିବେଶ ମଧ୍ୟରେ ମହାଦେବଙ୍କ ପୂଜାର୍ଚ୍ଚନା ଏବଂ କୁମ୍ଭାଭିଷେକ ଏକ ଅବିସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିଛି । ସୋମନାଥ ମନ୍ଦିର ଇତିହାସରେ ପ୍ରଥମଥରପାଇଁ ୧୧ଟି ତୀର୍ଥସ୍ଥଳୀରୁ ପବିତ୍ର ଜଳ ସଂଗ୍ରହ କରାଯାଇ ଜଳାଭିଷେକ କରାଯାଇଥିଲା । ଏହି ଅବସରରେ ଶ୍ରୀ ମୋଦୀ ସେଠାରେ ଏକ ପତାକା ଉତ୍ତୋଳନ ଉତ୍ସବରେ ଯୋଗ ଦେଇଥିଲେ ।

**V/O (PM-Religious Places)**

ଭାରତୀୟ ବାୟୁସେନା ପକ୍ଷରୁ ସୂର୍ଯ୍ୟକିରଣ, ଏରୋବାଟିକ୍ସ ଟିମ୍ ପକ୍ଷରୁ ବିଭିନ୍ନ କଳା-କୌଶଳ ପ୍ରଦର୍ଶନ କରାଯାଇଥିବାବେଳେ ହେଲିକପ୍ଟର ସାହାଯ୍ୟରେ ସୋମାନଥ ମନ୍ଦିର ଉପରେ ପୁଷ୍ପବୃଷ୍ଟି କରାଯାଇଥିଲା । ସୋମନାଥ ଅମୃତପର୍ବ ସମ୍ପର୍କିତ ଏକ ବିଶେଷ ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ବୁଲି ଦେଖିଥିଲେ । ଏହାପୂର୍ବରୁ ଶ୍ରୀ ମୋଦୀ ଏକ ରୋଡ ଶୋ'ରେ ହମିରଜୀ ଗୋହିଲ ସର୍କଲ ପର୍ଯ୍ୟନ୍ତ ଯାଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ

ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଭୁବନେଶ୍ୱର ଏକାମ୍ରକ୍ଷେତ୍ର ସ୍ଥିତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ସୋମନାଥ ସ୍ୱାଭିମାନ ପର୍ବ ପାଳନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ସୋମନାଥ ଓ ଲିଙ୍ଗରାଜଙ୍କ ମଧ୍ୟରେ ଥିବା ଅଦୃଶ୍ୟ ଏବଂ ଗଭୀର ସମ୍ପର୍କ ଉପରେ ଆଲୋକପାତ କରିଥିଲେ ।

ଭାରତୀୟ ସଂସ୍କୃତିର ସୁରକ୍ଷା ଓ ଶୈବପୀଠଗୁଡ଼ିକର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱାରୋପ କରି କହିଛନ୍ତି, ସୋମନାଥ ମନ୍ଦିର ୧୪୦ କୋଟି ଭାରତୀୟଙ୍କ ଆତ୍ମସମ୍ମାନର ପ୍ରତୀକ । ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ଭାରତର ସାଂସ୍କୃତିକ ପୁନର୍ଜାଗରଣର ନୂଆ ଅଧ୍ୟାୟ । ସୋମନାଥ ମନ୍ଦିରର ପୁନରୁଦ୍ଧାର ଥିଲା ଲୌହମାନବ ସର୍ଦ୍ଦାର ପଟେଲଙ୍କ ଭାରତୀୟ ସଭ୍ୟତାର ପୁନଃସ୍ଥାପନର ଶୁଭାରମ୍ଭ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଦେଶରେ ସାଂସ୍କୃତିକ ପୁନଃ ଜାଗରଣ ଘଟୁଛି । ବିକାଶ ଓ ଐତହ୍ୟକୁ ଏକତ୍ର କରି ଓଡ଼ିଶାକୁ ଦେଶର ସାଂସ୍କୃତିକ ରାଜଧାନୀ ଭାବେ ଗଢ଼ିତୋଳିବାକୁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟ ସରକାର ୩୩୦ କୋଟି ଟଙ୍କା ବିନିଯୋଗରେ ଏକାମ୍ରକ୍ଷେତ୍ରର ବିକାଶ ଏବଂ ହଜାରେ କୋଟି ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଭଳି ପ୍ରକଳ୍ପ ପାଇଁ ଖର୍ଚ୍ଚ କରିବେ । ସଂସ୍କୃତିଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ ପ୍ରଦାନ କରି ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି.......

**- V/O -**

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଭାରତର ସାଂସ୍କୃତିକ ପରମ୍ପରା ଓ ଶୈବପୀଠଗୁଡ଼ିକର ମହିମା ଉପରେ ଆଲୋଚନା କରିଥିଲେ।

## ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଆଜି ପାଳନ କରାଯାଉଛି। ୧୯୯୮ ମସିହା ମଇ ମାସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ରାଜସ୍ଥାନର ପୋଖରାନଠାରେ ସଫଳତାର ସହିତ ପରମାଣୁ ପରୀକ୍ଷା କରିଥିଲେ। ଭାରତର ସାହସିକତାକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ସମାବେଶୀ ବିକାଶପାଇଁ ଦାୟିତ୍ୱପୂର୍ଣ୍ଣ ନବସୃଜନ" ।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ଏକ ଆତ୍ମନିର୍ଭରଶୀଳ ଭାରତ ଗଠନରେ ଏକ ପ୍ରମୁଖ ସ୍ତମ୍ଭ ଭାବରେ ଉଭା ହୋଇଛି ।୧୯୯୮ ମସିହାର ସଫଳ ପୋଖରାନ ପରୀକ୍ଷଣକୁ ଭାରତର ବୈଜ୍ଞାନିକ କ୍ଷମତା ଏବଂ ଆତ୍ମବିଶ୍ୱାସର ପ୍ରତୀକ ଭାବେ ଶ୍ରୀ ମୋଦୀ ବର୍ଣ୍ଣନା କରିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏହି ଅବସରରେ ଦେଶର ବୈଜ୍ଞାନିକ, ନବ ପ୍ରବର୍ତ୍ତକ, ଇଂଜିନିୟର ଏବଂ ଯୁବପ୍ରତିଭାମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଏହି ସମସ୍ତ ପ୍ରତିଭାଶାଳୀ ବ୍ୟକ୍ତିମାନେ ନିଜର ନବୋନ୍ମେଷ ଏବଂ ବୈଜ୍ଞାନିକ କୌଶଳ ମାଧ୍ୟମରେ ଭାରତର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି।

କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** କହିଛନ୍ତି, ବୈଜ୍ଞାନିକ ଏବଂ ଗବେଷକଙ୍କର ନିରନ୍ତର ପ୍ରୟାସ ଏକ ଆତ୍ମନିର୍ଭର, ସୁରକ୍ଷିତ ଏବଂ ଭବିଷ୍ୟତମୁଖୀ ଭାରତ ଗଠନ ପାଇଁ ଅତ୍ୟନ୍ତ ଆବଶ୍ୟକ।

# ସେଣ୍ଟର-ଭିବି ଜି.ରାମ୍.ଜି.

କେନ୍ଦ୍ର ସରକାର ବିକଶିତ ଭାରତ - ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ ଆଇନ୍ ୨୦୨୫କୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଚଳିତବର୍ଷ ଜୁଲାଇ ୧ ତାରିଖରୁ ଦେଶରେ ଏହି ଆଇନ୍ କାର୍ଯ୍ୟ କରିବ । କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଭିବିଜୀ ରାମ ଯୋଜନାରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର କାମ ଯୋଗାଇ ଦିଆଯିବ । ଆମ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ହଜାର ୬୯୨ କୋଟି ଟଙ୍କା ବ୍ୟୟ କରାଯିବ।

## ରତ୍ନଭଣ୍ଡାର - ଗଣତି ମଣତି

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ଆଜି ଅପରାହ୍ନ ପ୍ରାୟ ୪ଟାରୁ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୫୭ ଘଣ୍ଟାରୁ ଊର୍ଦ୍ଧ୍ୱ ରତ୍ନଭଣ୍ଡାର ଗଣତି ହୋଇସାରିଛି। ସଂପୂର୍ଣ୍ଣ ପ୍ରକ୍ରିୟା ବ୍ୟବସ୍ଥାବଳୀ ଅନୁଯାୟୀ ସ୍ୱଚ୍ଛତା ଓ ଅଧିକୃତ ସେବକ ତଥା ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ, ମାଜିଷ୍ଟ୍ରେଟ, ଅଧିକାରୀଙ୍କ ଉପସ୍ଥିତିରେ ଗଣତି-ମଣତି କରାଯାଉଛି। ସନ୍ଧ୍ୟା ଧୂପ ଶେଷ ହେବା ପର୍ଯ୍ୟନ୍ତ ଭିତର କାଠ ଠାରୁ ଭକ୍ତଙ୍କ ଦର୍ଶନ ବନ୍ଦ ରହିବ। ବାହାର କାଠ ନିକଟରୁ

ଦର୍ଶନ ବ୍ୟବସ୍ଥା ଜାରି ରହିବ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତି କାର୍ଯ୍ୟ ସମୟରେ ସମସ୍ତ ସେବକ ତଥା ଶ୍ରଦ୍ଧାଳୁମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ନିମନ୍ତେ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ନିବେଦନ କରିଛନ୍ତି। ପରବର୍ତ୍ତୀ ଗଣତି ଦିନଗୁଡ଼ିକ ସମ୍ବନ୍ଧରେ ସୂଚନା ଏହି ପର୍ଯ୍ୟାୟ ପରେ ଘୋଷଣା କରାଯିବ। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡକ୍ଟର ପାଢ଼ୀ କହିଛନ୍ତି.....

**- V/O –**

## ଯୁଗ୍ମ ଅଭିଯୋଗ ଶୁଣାଣି

**ଦେବଗଡ଼** ଜିଲ୍ଲା ତିଳେଇବଣି ବ୍ଲକ୍ ପଂଚାୟତସମିତି ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଜନସାଧାରଣଙ୍କ ୧୮ଟି ଅଭିଯୋଗର ଶୁଣାଣି କରିବା ସହ ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଥମ ବାର୍ଷିକୀ

**ଭଦ୍ରକ** ଜିଲ୍ଲା ସେଭେନ୍ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ଜିଲ୍ଲା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅପରେସନ୍ ସିନ୍ଦୂରର ପ୍ରଥମ ବାର୍ଷିକୀ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବାଟାଲିୟନ୍‌ର କମାଣ୍ଡିଂ ଅଧିକାରୀ କର୍ଣ୍ଣେଲ ଏସ୍.ଏସ୍ ରଘୁବଂଶୀ କାର୍ଯ୍ୟକ୍ରମରେ ଯୋଗଦେଇ ବୀର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି

ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ  ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କିଲୋମିଟର ବହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ **ସୁରେଶ ପୂଜାରୀ** କହିଛନ୍ତି....

**- V/O -**